# Telephone conversation between Prime Minister Shri Narendra Modi and Vice President of the USA, Her Excellency Kamala Harris

June 03, 2021

# ଆମେରିକା ଉପ-ରାଷ୍ଟ୍ରପତି କମଳା ହାରିସଙ୍କ ସହ କଥା ହେଲେ ପ୍ରଧାନମନ୍ତ୍ରୀ ମୋଦୀ

ଜୁନ 03, 2021

ଆମେରିକାର ଉପ-ରାଷ୍ଟ୍ରପତି ମହାମହିମ କମଳା ହାରିସଙ୍କ ସହ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ଫୋନ ଯୋଗେ କଥା ହୋଇଛନ୍ତି ।

ଭାରତ ସମେତ ଅନ୍ୟାନ୍ୟ ଦେଶକୁ କୋଭିଡ-19 ବିରୋଧରେ ଟିକା ଉପଲବ୍ଧ କରାଇବା ପାଇଁ "ଷ୍ଟ୍ରାଟେଜୀ ଫର୍ ଗ୍ଲୋବାଲ ଭ୍ୟାକ୍ସିନ ସେୟାର" ବା "ବିଶ୍ୱ ସ୍ତରୀୟ ଟିକାକରଣ ଭାଗିଦାରୀ ରଣନୀତି" ଅଧୀନରେ ଆମେରିକାର ଯୋଜନା ବିଷୟରେ ଉପ-ରାଷ୍ଟ୍ରପତି ହାରିସ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ପ୍ରଦାନ କରିଥିଲେ ।

ଆମେରିକାର ନିଷ୍ପତ୍ତି ତଥା ଭାରତ ବିଗତ ଦିନରେ ଆମେରିକା ସରକାରଙ୍କ ଠାରୁ ପାଇଥିବା ଅନ୍ୟ ସମସ୍ତ ପ୍ରକାରର ସମର୍ଥନ ପାଇଁ ଉପ-ରାଷ୍ଟ୍ରପତି ହାରିସଙ୍କୁ ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଥିଲେ ।

ଟିକା ଉତ୍ପାଦନ କ୍ଷେତ୍ରରେ ଆମେରିକା ଏବଂ ଭାରତ ମଧ୍ୟରେ ସ୍ୱାସ୍ଥ୍ୟ ଯୋଗାଣ ଶୃଙ୍ଖଳାକୁ ମଜବୁତ କରିବା ପାଇଁ ଚାଲିଥିବା ପ୍ରୟାସ ଉପରେ ଉଭୟ ନେତା ଆଲୋଚନା କରିଥିଲେ । ମହାମାରୀର ଦୀର୍ଘକାଳୀନ ସ୍ୱାସ୍ଥ୍ୟ ପ୍ରଭାବକୁ ସମାଧାନ କରିବାରେ ସେମାନେ ଭାରତ-ଆମେରିକା ସହଭାଗୀତାର ସମ୍ଭାବନା ତଥା କ୍ୱାଡ ଟିକା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

ବିଶ୍ୱ ସ୍ୱାସ୍ଥ୍ୟ ଅବସ୍ଥା ସ୍ୱାଭାବିକ ହେବା କ୍ଷଣି ଭାରତରେ ଉପରାଷ୍ଟ୍ରପତି ହାରିସଙ୍କୁ ସ୍ୱାଗତ କରିବାର ଇଚ୍ଛାକୁ ପ୍ରଧାନମନ୍ତ୍ରୀ ପ୍ରକଟ କରିଥିଲେ ।

ନୂଆଦିଲ୍ଲୀ

ଜୁନ 03, 2021

DISCLAIMER: This is an approximate translation. The original is available in English on MEA's website and may be referred to as the official press release.